## ସଂକ୍ଷେପରେ

### ବୁଦ୍ଧଖୋଲ ମହୋତ୍ସବ ଉଦ୍‌ଯାପିତ

**ବୁଗୁଡ଼ା,୩।୨(ଡି.ଏନ.ଏ.):** ବୁଗୁଡ଼ା ନିକଟସ୍ଥ ବୁଦ୍ଧଖୋଲ ମହୋତ୍ସବ ପଡ଼ିଆରେ ଚାଲିଥିବା ବୁଦ୍ଧଖୋଲ ମହୋତ୍ସବ ରବିବାର ଉଦଯାପିତ ହୋଇଛି ।

ଶେଷ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ଉଦଘାଟନ କରିଥିଲେ । ମହୋତ୍ସବର ସଭାପତି ତଥା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡି ସାଧାରଣ ସମ୍ପାଦକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଲେଖ ଚୌଧୁରୀ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ତହସିଲଦାର ସଂଗ୍ରାମ କେଶରୀ ଜେନା, ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ, ବ୍ଲକ ବିଜେଡି ସଭାପତି ଇ. ମଦନ ଗୋପାଳ ଦୋରା, ପୂର୍ବତନ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ବେହେରା, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ ପ୍ରମୁଖ ଯୋଗଦେଇ ବୁଦ୍ଧଖୋଲର ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ବିଭିନ୍ନ ସ୍ଥାନରୁ ଆସିଥିବା ନୃତ୍ୟଦଳଙ୍କ ସହ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କ ଗୀତରେ ଦର୍ଶକ ଝୁମିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନାରେ ସମିତିର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, ଉପସଭାପତି ଏ. ବିରଞ୍ଚି ନାରାୟଣ ପାତ୍ର, କାର୍ଯ୍ୟକାରୀ ସଭ୍ୟ ଧରଣୀଧର ପଣ୍ଡା, ସମ୍ପାଦକ ବିଶ୍ୱ ମୋହନ ମିଶ୍ର, ଯୁଗ୍ମ ସମ୍ପାଦକ ଗଙ୍ଗାଧର ବିଷୋୟୀ, ଉପଦେଷ୍ଟା କବିରାଜ ଗୌଡ଼, କୋଷାଧକ୍ଷ କେ. ତ୍ରିଲୋକ ଦୋରା ଏବଂ ସମିତିର ସଭ୍ୟମାନେ ସହଯୋଗ କରିଥିଲେ ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବ୍ରହ୍ମପୁର ଅଫିସ୍,୩।୨:** କୁକୁଡ଼ାଖଣ୍ଡି ବ୍ଲକ ବାଳକୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କୁକୁଡ଼ାଖଣ୍ଡି ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ଏସ୍.ଗିରିଧର ଯୋଗଦେଇ ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ମଲ୍ଲିକ, ଦିଗପହଣ୍ଡି ବିଧାୟକଙ୍କ ପ୍ରତିନିଧି ସନ୍ତୋଷ ଚୌଧୁରୀ, ସରପଞ୍ଚ ଉଷା ଦାସ, ସମିତି ସଭ୍ୟା ଗୀତା ଦାସ, ବ୍ରହ୍ମପୁର ପାଇକାରୀ ଭଣ୍ଡାର ସଭାପତି ସୁଧୀର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକାନ୍ତ ଗୌଡ଼, ସିଆର୍‌ସିସି ଶିବରାମ ମହାଙ୍କୁଡ଼, ନିମଖଣ୍ଡି କ୍ଲଷ୍ଟର୍ ସିଆର୍‌ସିସି ପିଣ୍ଟୁ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ବାର୍ଷିକ ପତ୍ରିକା ଉନ୍ମୋଚନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଷା ରାଣୀ ସାହୁ, ଏଲ୍. ମମତା ଆଚାରୀ, ସୁଲୋଚନା ମହାନ୍ତି, ପଦ୍ମଲୋଚନ ରଥ ଓ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ ।

# ଦୁଇ ନାବାଳିକାଙ୍କୁ ଅପହରଣ, ବଳାତ୍କାର, ୨ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ୍,୩।୨**

ବ୍ରହ୍ମପୁର ପୋଲିସ ଜିଲାର ଦୁଇଟି ପୃଥକ୍ ପୃଥକ୍ ସ୍ଥାନରେ ଦୁଇ କଲେଜ ପଢୁଆ ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ରବିବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ବଡବଜାର ଥାନାଞ୍ଚଳର ସୁକାନ୍ତ ମହାନ୍ତି (୨୨) ଏବଂ ଦିଗପହଣ୍ଡି ଥାନା ଅଧୀନ ଦ୍ୱାରଗାଁର ଲକ୍ଷ୍ମଣ ପ୍ରଧାନ (୨୪) । ସୁକାନ୍ତଙ୍କୁ ବଡବଜାର ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଲକ୍ଷ୍ମଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ସଦରଥାନା ପୋଲିସ ପକ୍ଷରୁ କୁହାଯାଇଛି।

ପ୍ରକାଶଯେ, ବଡବଜାର ଥାନା ଅଧୀନ ଏକ ସାହିର ଜଣେ ନାବାଳିକା ( କଲେଜ ପଢୁଆ ଛାତ୍ରୀ ) ୨୦୧୮ ଡିସେମ୍ବର ୧୫ତାରିଖରେ ଘରୁ କଲେଜ ଯିବା ପାଇଁ ବାହାରିଥିଲେ । ବିଳମ୍ବିତ ସମୟ ଯାଏ ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ ନଂ.୨୧୦/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମୋବାଇଲ୍ ଫୋନ୍ ଟ୍ରାକିଂ କରି ଜାନୁୟାରୀ ୯ତାରିଖରେ ଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପୋଲିସ ସଦଳବଳ ପହଞ୍ଚି କଲିକତାରୁ ତାଙ୍କୁ ଉଦ୍ଧାର କରିଥିଲା । ନାବାଳିକାଙ୍କୁ ଡାକ୍ତରୀ ମାଇନା କରିବା ପରେ କୋର୍ଟରେ ତାଙ୍କ ବୟାନ ରେକର୍ଡ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଖୋଜୁଥିଲା। ରବିବାର ସୁକାନ୍ତଙ୍କୁ ତାଙ୍କ ନିଜ ଘରୁ ଗିରଫ କରିବା ପରେ ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

ସେହିପରି ସଦରଥାନା ଅନ୍ତର୍ଗତ ଏକ ଗ୍ରାମର ଆଉ ଜଣେ କଲେଜ ପଢୁଆ ନାବାଳିକା ଛାତ୍ରୀ ଜାନୁୟାରୀ ୨୯ରେ ଘରୁ କଲେଜ ପାଇଁ ବାହାରିଥିଲେ । ବିଳମ୍ବିତ ସମୟ ଯାଏ ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ବାପା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୧୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନାବାଳିକାଙ୍କ ମୋବାଇଲ୍ ଫୋନ୍ ଟ୍ରାକିଂ କରି ଗତ ୧ତାରିଖରେ ଭୁବନେଶ୍ୱରରୁ ତାଙ୍କୁ ପୋଲିସ ଉଦ୍ଧାର କରିଥିଲା । ଅପହରଣ କରି ନେଇଥିବା ଯୁବକ ଲକ୍ଷ୍ମଣଙ୍କୁ ପୋଲିସ ଠାବ କରିଥିଲା । ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତ ଲକ୍ଷ୍ମଣଙ୍କୁ ଗିରଫ କରିଥିଲା। ଶନିବାର ବ୍ରହ୍ମପୁର ଏଡିଜେ-୨ ପୋକ୍ସୋ କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା । ତାଙ୍କ ସ୍ୱଇଚ୍ଛାରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସୋମବାର ଅଭିଯୁକ୍ତ ଲକ୍ଷ୍ମଣଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଶିବଶଙ୍କର ମହାପାତ୍ର କହିଛନ୍ତି ।

# ସଂଖ୍ୟାନୁପାତିକ ଭିତ୍ତିରେ ସଂରକ୍ଷଣ ଦାବି




ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୩।୨**

ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତି ଏବଂ ଗଞ୍ଜାମ ଜିଲା ପଛୁଆ ବର୍ଗ ତରଫରୁ ସଂଖ୍ୟାନୁପାତିକ ଭିତ୍ତିରେ ସଂରକ୍ଷଣ ଦାବିରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ନିକଟ ଅତୀତରେ କେନ୍ଦ୍ର ସରକାର ସାଧାରଣ ବର୍ଗର ଆର୍ଥିକ ଅନଗ୍ରସରଙ୍କୁ ୧୦ପ୍ରତିଶତ ସଂରକ୍ଷଣ ସୁବିଧା ପ୍ରଦାନ କରିଛନ୍ତି। ଏହା ନିନ୍ଦନୀୟ । ଏହାକୁ ସଂଗଠନ ତରଫରୁ ତୀବ୍ର ବିରୋଧ କରାଯାଇଛି। ସଂଖ୍ୟାନୁପାତିକ ଭିତ୍ତିରେ ପ୍ରତ୍ୟେକ କ୍ଷେତ୍ରରେ ସଂରକ୍ଷଣ ଦେବାକୁ ଦାବି କରାଯାଇଛି। ପୂର୍ବରୁ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗଙ୍କୁ କେବଳ ସରକାରୀ କ୍ଷେତ୍ରରେ ହିଁ ସଂରକ୍ଷଣ ସୁବିଧା ମିଳୁଥିଲା। ହେଲେ ସାଧାରଣ ବର୍ଗଙ୍କ ପାଇଁ ଘୋଷଣା ହୋଇଥିବା ସଂରକ୍ଷଣ ସୁବିଧା ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ମିଳିବ। ବର୍ତ୍ତମାନ ସରକାରୀ କ୍ଷେତ୍ରରେ ନିଯୁକ୍ତି ବହୁ ପରିମାଣରେ କମି ଯାଇଛି। ଏଣୁ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗଙ୍କୁ ବେସରକାରୀ କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ସୁବିଧା ମିଳୁ । ଏହି ଦାବି ତୁରନ୍ତ ପୂରଣ କରା ନ ଗଲେ ଆସନ୍ତା ୧୭ତାରିଖରେ ପ୍ରତ୍ୟେକ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ମାର୍ଚ୍ଚ ୫ତାରିଖରେ ଭାରତ ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନରେ ଗଞ୍ଜାମ ଜିଲା ପଛୁଆ ବର୍ଗ ସଭାପତି ପ୍ରଭାକର ସାହୁ, ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତି ଜିଲା ମୁଖ୍ୟ ବାସୁଦେବ ନାୟକ, ସୀମା ନାୟକ, ଦେବେନ୍ଦ୍ର ପାତ୍ର, ବାସୁଦେବ ସାହୁକାର, ସୁଧୀର କୁମାର ସାହୁ, ବିଶ୍ୱ ଦେବ, ବଂଶୀଧର ନାୟକ, ସୁନୀଲ କୁମାର ସାହୁ, ରଜନୀକାନ୍ତ, ସାଜିଦ୍ ହୁସେନ, ଯୁଧିଷ୍ଠିର ନାୟକ, ବାବାଜୀ ଚରଣ ନାୟକ, ଭୁବନୀ ସେଠୀ, ସୁରେଶ କୁମାର ସାହୁ, କିରଣ କୁମାର ସାହୁ, ଅରୁଣ ସାହୁ ଓ ଦେବେନ୍ଦ୍ର କୁମାର ଘଡ଼ାଇ ପ୍ରମୁଖ ଭାଗନେଇଥିଲେ ।

## ଆଙ୍କୁଲି ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠିତ

**ବ୍ରହ୍ମପୁର ଅଫିସ,୩।୨**

ଆଙ୍କୁଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସାମାଜିକକର୍ମୀ ଭାଗୀରଥି ମହାରଣା, ସିଆରସିସି ପ୍ରସନ୍ନ ପ୍ରଧାନ, ଲାଇଫ ଲାଇନ ସଭାପତି ଏଲ. ସୁଦାମ ଦାଶ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସୁପରିଚାଳନା, ଶିକ୍ଷାର ଉନ୍ନତି ପାଇଁ ସମସ୍ତେ ମିଳିତ ଉଦ୍ୟମ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ଶିକ୍ଷୟିତ୍ରୀ ସୁନନ୍ଦା ପାଢୀ ଓ ରାମ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା । ଜ୍ୟୋସ୍ନା ଦାଶ, ପ୍ରଭାତୀ ମହାରଣା, ଚୁନି ମହାରଣା, ଆରତୀ ବେହେରା, ସୁନୀତା ପଟ୍ଟନାୟକ, ଫୁଲ ସାହୁ, ଇନ୍ଦ୍ରଜିତ ବେହେରା, ଗଣେଶ ପାତ୍ର, କୃଷ୍ଣ ଚନ୍ଦ୍ର ଡାକୁଆ, ନରସିଂହ ଗୌଡ, ସୁଶାନ୍ତ ମହାରଣା, ପୂର୍ବତନ କର୍ପୋରେଟର ଶାନ୍ତି ଦାଶ, ସନ୍ଧ୍ୟାରାଣୀ, ଅଙ୍ଗନୱାଡିକର୍ମୀ, ଉମା ମହାରଣା, ଶିକ୍ଷୟିତ୍ରୀ ଗୀତା ରଣା, ଶିକ୍ଷାବିତ ଏଲ. ସୁଦାମ ଦାଶ ପ୍ରମୁଖଙ୍କୁ କମିଟିର ସଦସ୍ୟଭାବେ ମନୋନୀତ କରାଯାଇଥିଲା। ୨୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଗଞ୍ଜାମ କବିତା ଘର ଶୀତ ଉତ୍ସବ




କବୟିତ୍ରୀ ସୁସ୍ମିତା ପାତ୍ରଙ୍କ ପୁସ୍ତକ 'ଭେଦର ଗଣ୍ଠୁଲି'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଛତ୍ରପୁର,୩।୨(ଡି.ଏନ.ଏ.)**

ଜିଲା ସଂସ୍କୃତି ଭବନ ଛତ୍ରପୁରରେ ରବିବାର ଗଞ୍ଜାମ କବିତା ଘର ଶୀତ ସାହିତ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା । ସମାଜିକକର୍ମୀ ଭାଗୀରଥି ମହାରଣା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ଡ. ରାଜେନ୍ଦ୍ର କୁମାର ବେହେରା, କବି ସୁଧାଂଶୁ ଶେଖର ସାହୁ, ଧରାକୋଟ ତହସିଲଦାର କବି ଗଦାଧର ପାତ୍ର, ଶେରଗଡ ତହସିଲଦାର କବି ଡ. ଦୟାସିନ୍ଧୁ ପରିଡା, କବି ଭାଗୀରଥି ପଣ୍ଡା ଓ କବୟିତ୍ରୀ ଜୟନ୍ତୀ ବେହେରା ଆଦି ଅତିଥି ଭାବେ ଯୋଗ ଦେଇଥିଲେ।

ଆୟୋଜିତ ଜିଲାସ୍ତରୀୟ କବିତା ପାଠୋତ୍ସବରେ କବି ରଞ୍ଜୁଲତା ବେହେରାଙ୍କ ଶିଶୁ କବିତା ସଂକଳନ 'ଖଜୁରୀ ବଣର ଝୁଲା' ଓ ଜ୍ଞାନଜ୍ୟୋତି ସାହିତ୍ୟ ପ୍ରକାଶନ ଦ୍ୱାରା କବି ସୁସ୍ମିତା ପାତ୍ରଙ୍କ 'ଭେଦର ଗଣ୍ଠୁଲି' ଉନ୍ମୋଚିତ ହୋଇଥିଲା । ସେହିପରି ପ୍ରକାଶନୀର ଲୋଗୋ ମଧ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ଭାଗୀରଥି ବେହେରାଙ୍କ ସଂଯୋଜନାରେ ପ୍ରତୀକ ସାହିତ୍ୟ ସଂସଦ ଭଞ୍ଜନଗର, ବାହୁଦା ସାହିତ୍ୟ ସଂସଦ ଚିକିଟି, ଦିବ୍ୟଧାରା ସାହିତ୍ୟ ସଂସଦ କଳମ୍ବ, ସିନ୍ଧୁଉର୍ମି ସାହିତ୍ୟ ସଂସଦ ଖଲ୍ଲିକୋଟ, ଓଡ୍ର ସାହିତ୍ୟ ସଂସଦ ପିତଳ, ଓଡ଼ିଶା ଲେଖିକା ସଂସଦ ଗଞ୍ଜାମ ଶାଖା ବ୍ରହ୍ମପୁର, ଲୋହରାଖଣ୍ଡି ସାହିତ୍ୟ ସଂସଦ ଭଞ୍ଜନଗର ଆଦି ଅନୁଷ୍ଠାନର କବିମାନେ ଯୋଗଦେଇ କବିତା ପାଠ କରିଥିଲେ । କବିତାଗୁଡିକୁ କବି ବାଳକୃଷ୍ଣ ପଟ୍ଟନାୟକ ସଂଯୋଜନା କରିଥିଲେ ।

■ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

# ରାଜ୍ୟସ୍ତରୀୟ କବି ସମ୍ମିଳନୀ

**ଫୁଲବାଣୀ ଅଫିସ, ୩।୨**

ଜିଲା ଲେଖକ ସାମ୍ମୁଖ୍ୟ ଆନୁକୂଲ୍ୟରେ ଫୁଲବାଣୀ କରୋନେଶନ ପଡିଆରେ ଚାଲିଥିବା ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲା ତଥା ଜିଲା ବାହାରର ଅନେକ ପ୍ରତିଷ୍ଠିତ କବି ଏଥିରେ ଅଂଶଗ୍ରହଣ ସ୍ୱରଚିତ କବିତା ପାଠ କରିଛନ୍ତି। ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଆଦିକନ୍ଦ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ କବି ଡ. ଫନୀ ମହାନ୍ତି ମୁଖ୍ୟଅତିଥି, ଡ. ହରିଶ୍ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ କବି ମାନଙ୍କ ସହ ବାଲିପାଟଣାର ଅଭିମନ୍ୟୁ ନାୟକ, ଖୋର୍ଦ୍ଧାର ଇଂ.ସରୋଜ ମହାପାତ୍ର, ପୁରୀର କାମଦେବ ମହାରଣା ଓ ରୁନୁ ମହାନ୍ତି ପ୍ରମୁଖ କବିତା ପାଠୋତ୍ସବରେ ସାମିଲ ଥିଲେ । କାର୍ଯ୍ୟକ୍ରମକୁ ଡ. ଗୀତାଶ୍ରୀ ପ୍ରିୟମ୍ବଦା, କୁଳମଣୀ ମେହେର ସଂଯୋଜନା କରିଥିବା ବେଳେ ସାମ୍ମୁଖ୍ୟର ସଭାପତି ରବୀନ୍ଦ୍ରନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ । ସଂପାଦକ ବନ ବିହାରୀ ନନ୍ଦ, କିଶୋର ପଟ୍ଟନାୟକ, ଦୁର୍ଯ୍ୟୋଧନ ସିଂ ସହଯୋଗ କରିଥିଲେ । ରବିବାର ମେଳାରେ ପ୍ରବଳ ଜନ ସମାଗମ ହୋଇଥିବା ବେଳେ ପାଠକମାନେ ବିଭିନ୍ନ ଷ୍ଟଲରେ ବହି କିଣୁଥିବା ଦେଖାଯାଇଥିଲା ।




ପୁସ୍ତକମେଳା ଉତ୍ସବରେ ମଞ୍ଚାସୀନ କବୟିତ୍ରୀ ଓ କବିମାନେ।

■ ବିଦ୍ୟୁତ୍‌ର ଘରୋଇକରଣକୁ ନେଇ ଅସନ୍ତୋଷ

# ୧୪ହଜାର କୋଟି ଟଙ୍କାର ଅଡିଟ୍ ଦାବି

**ବ୍ରହ୍ମପୁର ଅଫିସ୍,୩।୨**

ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ଏବଂ ଉପଭୋକ୍ତାଙ୍କୁ ଉତ୍ତମ ସେବା ପ୍ରଦାନ ବାହାନାରେ ଏହାର ଘରୋଇକରଣ ଏବଂ ଫ୍ରାଞ୍ଚାଇଜ୍ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ଏହି ପଦକ୍ଷେପ ସଂପୂର୍ଣ୍ଣ ବିଫଳ ହୋଇଛି ବୋଲି ଅଭିଯୋଗ କରିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ । ରାଜ୍ୟ ସରକାରଙ୍କ ତରଫରୁ ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ପ୍ରଦାନ କରାଯାଇଥିବା ପ୍ରାୟ ୧୪ହଜାର କୋଟି ଟଙ୍କାର ଅଡିଟ୍ କରିବାକୁ ସଂଘ ଦାବି କରିଛି। ଏଥି ସହ ଏନର୍ଜି ଅଡିଟ୍ ମଧ୍ୟ କରାଇବାକୁ ସଂଘ ଦାବି ରଖିଛି । ନ ହେଲେ ବିଦ୍ୟୁତ୍ ସେବା ରୁଗ୍‌ଣ ହୋଇପଡ଼ିବ ବୋଲି ସଂଘ ଆଶଙ୍କା ପ୍ରକାଶ କରିଛି।

ସଂଘ ସଭାପତି ଅକ୍ଷୟ କୁମାର ତ୍ରିପାଠୀ ଏବଂ ସମ୍ପାଦକ କ୍ଷୀରୋଦ କୁମାର ସେଠୀ କହିଛନ୍ତି ଯେ, ବିଦ୍ୟୁତ୍ କ୍ଷେତ୍ରର ଘରୋଇକରଣକୁ ୧୯ବର୍ଷ ବିତିଗଲା। ବନ୍ୟା ଓ ବାତ୍ୟା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମରାମତି ନାମରେ ରାଜ୍ୟ ସରକାରଙ୍କଠାରୁ ପ୍ରାୟ ୧୪ହଜାର କୋଟି ଟଙ୍କା ଫ୍ରାଞ୍ଚାଇଜ୍‌ଗୁଡ଼ିକ ଗ୍ରହଣ କରିଛନ୍ତି। ବାରମ୍ବାର ଏହି ଟଙ୍କାର ଅଡିଟ୍ କରିବାକୁ ଆଲୋଚନା ହେଉଥିଲେ ମଧ୍ୟ ଅଡିଟ୍ ହେଉନି । ସେହିଭଳି ଏଇଏସ୍ କମ୍ପାନୀ ୭ଶହ କୋଟି ଟଙ୍କା ଆତ୍ମସାତ୍ କରିଥିଲେ ମଧ୍ୟ କମ୍ପାନୀଠାରୁ ଏହି ଟଙ୍କା ଆଦାୟ କରାଯାଉନି। ଘରୋଇକରଣ ସମୟରେ କମ୍ପାନୀଗୁଡ଼ିକୁ ବିଦ୍ୟୁତ୍ କ୍ଷତି ୧୫ପ୍ରତିଶତ ହ୍ରାସ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ମଧ୍ୟ ପାଳନ ହେଉନି। ଓଲଟି ବିଦ୍ୟୁତ୍ କ୍ଷତି ୪୦ପ୍ରତିଶତକୁ ବୃଦ୍ଧି ପାଇଛି। ଖାଲି ପଡ଼ିଥିବା ୧୨ହଜାର ପଦବୀ ପୂରଣ କରାଯାଉନି । ଆଉଟ୍‌ସୋର୍ସିଂ ସଂସ୍ଥା ଦ୍ୱାରା ଠିକା କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଚାଲିଛି । ବିଦ୍ୟୁତ୍ ଟ୍ରେଡିଂ ବାବଦରେ ଗ୍ରୀଡ୍‌କୋ ୮ଶହ କୋଟି ଟଙ୍କା କ୍ଷତି ସହିଲାଣି। ୨୦୦୩ର ଶୋଭନ୍ କାନୁନ୍‌ଗୋ କମିଟିର ରିପୋର୍ଟକୁ ଚାପି ଦିଆଯାଇଛି। ରିଲାଏନ୍ସ ବିଦ୍ୟୁତ୍ କମ୍ପାନୀ କର୍ମଚାରୀମାନଙ୍କ ଭବିଷ୍ୟନିଧି ଟଙ୍କା ପଇଠ କରୁ ନ ଥିବା ଯୋଗୁ କର୍ମଚାରୀମାନେ ଅବସର ପରେ ସେମାନଙ୍କ ପ୍ରାପ୍ୟ ପାଇପାରୁନାହାନ୍ତି । ଘରୋଇକରଣ ପରେ ମାନବ ସମ୍ବଳ ବିଭାଗର କର୍ମଚାରୀଙ୍କୁ ବହୁ ହଇରାଣ କରାଯାଉଛି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ରାଜ୍ୟ ସରକାର କିମ୍ବା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ତରଫରୁ ଘରୋଇ ଫ୍ରାଞ୍ଚାଇଜ୍‌କୁ ପ୍ରଦାନ କରାଯାଇଥିବା ୧୪ହଜାର କୋଟି ଟଙ୍କାର ଅଡିଟ୍ କଲେ ବହୁ ତଥ୍ୟ ପଦାକୁ ଆସିବ । ତୁରନ୍ତ ଅଡିଟ୍ କରିବାକୁ ସଂଘ ସଭାପତି ତ୍ରିପାଠୀ, ସିଟି ସର୍କଲ୍ ସମ୍ପାଦକ ସେଠୀଙ୍କ ସମେତ ପ୍ରଫୁଲ୍ଲ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ବିଷୋୟୀ, ଦୁର୍ଗାମାଧବ ଆଚାର୍ଯ୍ୟ ଓ ପି.ସି. ସେନାପତି ପ୍ରମୁଖ ଦାବି କରିଛନ୍ତି ।

# ଉତ୍କଳିକାର ସାହିତ୍ୟ ସଭା

**ବ୍ରହ୍ମପୁର ଅଫିସ,୩।୨**

ଅଗ୍ରଣୀ ସାହିତ୍ୟ ପ୍ରତିଷ୍ଠାନ 'ଉତ୍କଳିକା' ପକ୍ଷରୁ ବ୍ରହ୍ମପୁର ସହର ଉପକଣ୍ଠ ପିତ୍ତଳ ଛକ ଚନ୍ଦ୍ରିକା ଆବାସିକ ଶିଶୁ ବିଦ୍ୟା ମନ୍ଦିରରେ ଏକ ସାହିତ୍ୟ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଭାପତି ବିଚିତ୍ରାନନ୍ଦ ମୁନିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲା ଲେଖକ ସାମ୍ମୁଖ୍ୟର ସଭାପତି ଡ. ରବିନାରାୟଣ ମିଶ୍ର ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଶିକ୍ଷାବିତ ହାଡିବନ୍ଧୁ ମାଳୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ସାହିତ୍ୟର ବିକାଶ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡ. ବିଜୟ ଚନ୍ଦ୍ର ମହାରଣାଙ୍କ ଶିଶୁନାଟକ 'ପାଠପଢିବା ଦେଶ ଗଢିବା' ଲୋକାର୍ପିତ ହୋଇଥିଲା । ଆଦର୍ଶ ଶିକ୍ଷକ ଭାବେ ବି. ଗୋପାଳ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ଦୀନବନ୍ଧୁ ଶ୍ରୀପଲ୍ଲବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃଷ୍ଣଚନ୍ଦ୍ର ସେଠୀ, ଦୁଷ୍ମନ୍ତ ଦାଶ, ସୀମାଞ୍ଚଳ ମୁନି, ନଳିନୀ ପ୍ରଭା ମିଶ୍ର, ହରିହର ସ୍ୱାଇଁ ଓ ସ୍ୱର୍ଣ୍ଣପ୍ରଭା ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କବି ସୁବାସ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ବିଜୟ ଚନ୍ଦ୍ର ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ସୀମାଞ୍ଚଳ ମୁନି ଧନ୍ୟବାଦ ଦେଇଥିଲେ ।

# ବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ପ୍ରଶିକ୍ଷଣ

**ଦିଗପହଣ୍ଡି,୩।୨(ଡି.ଏନ.ଏ.)**

ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ଆନୁକୂଲ୍ୟରେ ରବିବାର କିରାଣି ପ୍ରଶିକ୍ଷଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ହାଇସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଇଓ ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କର୍ମଚାରୀ ସଂଘ କାର୍ଯ୍ୟକର୍ତ୍ତା ମାନସ ରଞ୍ଜନ କବିଙ୍କ ସଂଯୋଜନାରେ ଆୟୋଜିତ ତାଲିମ ଶିବିର ଉଦଘାଟନୀ ଉତ୍ସବରେ ହାଇସ୍କୁଲ ପରିଚାଳନା କମିଟି ସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ପଣ୍ଡା, କର୍ମଚାରୀ ସଂଘ ସମ୍ପାଦକ ଲକ୍ଷ୍ମଣ ମଲ୍ଲିକ, ପ୍ରାକ୍ତନ ସମ୍ପାଦକ ବୃନ୍ଦାବନ ସାହୁ, ଶିକ୍ଷୟିତ୍ରୀ ବିଦ୍ୟୁତଲତା ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । କିରାଣୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ବରିଷ୍ଠ ହିସାବ ରକ୍ଷକ ନଗେନ୍ଦ୍ର ପ୍ରଧାନ, ଜୟନ୍ତ ସାହୁ, ବରିଷ୍ଠ କିରାଣୀ ବିପିନ ବିହାରୀ ପାଠୀ, ସୁଶୀଳ ପଟ୍ଟନାୟକ, ଗିରିଜା ପାତ୍ର ପ୍ରମୁଖ ଉପସ୍ଥିତ କିରାଣିଙ୍କୁ ବିଭିନ୍ନ ପ୍ରକାର ବୈଷୟିକ କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ । ତାଲିମ ଶିବିରରେ ଦିଗପହଣ୍ଡି, ଚିକିଟି, ପାତ୍ରପୁର, ସାନଖେମୁଣ୍ଡି ଓ ଶେରଗଡ଼ ବ୍ଲକ ଅଧିନ ବିଭିନ୍ନ ବିଦ୍ୟାଳୟ ଓ ବିଇଓ କାର୍ଯ୍ୟାଳୟର ୮୦ରୁ ଊର୍ଦ୍ଧ୍ୱ କିରାଣୀ ଉପସ୍ଥିତ ଥିଲେ । ଶେଷରେ ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଏମ. ବୁଦ୍ଧ ରେଡ଼ୀ ଓ ଗଙ୍ଗାଧର ପତିଙ୍କୁ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ରୀଡ଼ା ଶିକ୍ଷକ ଏମ. ଶୁକୁରୁ ରେଡ଼ୀ, ପ୍ରଭାତ ଚନ୍ଦ୍ର ପାଢ଼ୀ ପ୍ରମୁଖ କାଯର୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ମଞ୍ଚାସୀନ ଅତିଥିବୃନ୍ଦ ।

# ୬ ପଞ୍ଚାୟତ ବିଜେଡି ୱାର୍ଡ କମିଟି ଗଠିତ

**ଦାରିଙ୍ଗବାଡ଼ି,୩।୨(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ କର୍ମୀ ଓ ନେତା ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ୬ ପଞ୍ଚାୟତରେ ଶନିବାର ବିଜେଡି ପକ୍ଷରୁ ୱାର୍ଡ କମିଟି ଗଠନ କରାଯାଇଛି। ଏଥି ସହ ସମସ୍ତ ୱାର୍ଡ଼ରେ ପୁଣି ପରିଚାଳନା କମିଟି ଗଠନ କରାଯାଇ ସରକାରଙ୍କ ଲୋକାଭିମୁଖୀ ଯୋଜନା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଏହାର ଲାଭ ନେବାକୁ ଏହି କମିଟି ସଚେତନ କରାଇବ ବୋଲି ଦଳର ବ୍ଲକ ସଭାପତି ଦିଲୀପ କୁମାର ପ୍ରଧାନ, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ କହିଛନ୍ତି । ଉକ୍ତ ବ୍ଲକ ସିମନବାଡ଼ି ପଞ୍ଚାୟତ ସମେତ ବାଡାବାଙ୍ଗା, ବୁଡାଗୁଡ଼ା, ଗୁମିକିଆ, ଦାରିଙ୍ଗବାଡ଼ି ଏବଂ ସିଆଙ୍ଗବାଲି ପଞ୍ଚାୟତରେ ଏହି କମିଟି ଗଠନ କରାଯାଇଛି । ବୁଡାଗୁଡ଼ାରେ ଦଳ ସଭାପତି ପ୍ରଧାନଙ୍କ ଅଧକ୍ଷତାରେ ନେହେରୁ ପାତ୍ର, ଅରୁଣ ତ୍ରିପାଠୀ, ରବି ପାତ୍ର, ରବି ବଳିଆର ସିଂ, ଟାଙ୍ଗରା ବଳିଆର ସିଂଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଏବଂ ନେତା ଯୋଗ ଦେଇଥିଲେ । ସେହିପରି ସିମନବାଡ଼ିରେ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ସରପଞ୍ଚ ପ୍ରତିନିଧି ପରମେଶ୍ୱର ପ୍ରଧାନ, ବିପ୍ରଚରଣ ଦିଗାଳ, ସାନ୍ଧୁରା ପ୍ରଧାନ, ମନୋଜ ପ୍ରଧାନ, ମନବୋଧ ନାୟକ ଓ ମନୁ ଦିଗାଳଙ୍କ ସମେତ ଶତାଧିକ କର୍ମୀ ଓ ନେତା ଯୋଗ ଦେଇଥିଲେ। ସେହିପରି ଦାରିଙ୍ଗବାଡ଼ିରେ ଏହି କମିଟି ଗଠନରେ ଦଳର ପୂର୍ବତନ ସଭାପତି ଜ୍ୟୋତିରାଜ ପ୍ରଧାନ, କନ୍ଧମାଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଦୀପକ କୁମାର ସାହୁ, ଆୟୁବ ପ୍ରଧାନ, କୃଷ୍ଣ ପ୍ରଧାନ, ଆଲୋକ ସାହୁ, ଶ୍ୟାମ ପ୍ରଧାନ, ପୁରେନ୍ଦ୍ର ପ୍ରଧାନ ଓ ନୀଳମାଧବ ସାହୁ ପ୍ରମୁଖ ଯୋଗଦେଇଥିଲେ । ସେହିପରି ବାଡାବାଙ୍ଗାରେ ପୂର୍ବତନ ସମିତିସଭ୍ୟ ଦୁଷ୍ମନ୍ତ ପ୍ରଧାନ ଓ ଧନଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ପ୍ରଧାନ ଯୋଗ ଦେଇଥିଲେ । ସେହିପରି ସିଆଙ୍ଗବାଲିରେ ବହୁମୁଖୀ ସମବାୟ ସମିତି ସଭାପତି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ତଥା ପୂର୍ବତନ ସମିତିସଭ୍ୟ ଧର୍ମେନ୍ଦ୍ର ପ୍ରଧାନ, ନାଏବ ସରପଞ୍ଚ ନିତୁରା ପ୍ରଧାନ ଓ ଶ୍ରୀକାନ୍ତ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଏବଂ ନେତା ଯୋଗଦେଇଥିଲେ । ସେହିପରି ଗୁମିକିଆରେ ମଧ ପୂର୍ବତନ ବିଧାୟକ ପ୍ରଧାନ ଯୋଗଦେଇ ଏହି କମିଟି ଗଠନ କରିଥିବା ସେ କହିଛନ୍ତି ।

## ସଂକ୍ଷେପରେ

### ଚକ୍ଷୁ ପରାମର୍ଶ ଶିବିର

**ବ୍ରହ୍ମପୁର ଅଫିସ୍,୩।୨:** ସ୍ୱର୍ଗତ ବାସନ୍ତୀ ପାଢୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବ୍ରହ୍ମପୁର ସହର ଉପକଣ୍ଠ ଲାଠି ଗ୍ରାମ କଲ୍ୟାଣ ମଣ୍ଡପରେ ଚକ୍ଷୁ ପରାମର୍ଶ ଏବଂ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଭାସ୍କର ଜ୍ୟୋତି ସ୍ମୃତି କମିଟି ତରଫରୁ ଏହା ଆୟୋଜିତ ହୋଇଥିଲା । ମହାରାଜା କୃଷ୍ଣଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡା. ନିରୁବାଳା ପଟ୍ଟନାୟକ ଏବଂ ଡା. ପ୍ରଗତି ପାଢୀ ଯୋଗ ଦେଇଥିଲେ । ବହୁ ଗ୍ରାମବାସୀ ଚକ୍ଷୁ ପରୀକ୍ଷା କରିଥିଲେ ।

### ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ



**ବ୍ରହ୍ମପୁର ଅଫିସ୍,୩।୨:** ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଇକୋ କ୍ଲବ ଜିଲା ସଂଯୋଜକ ଶଙ୍କରନାରାୟଣ ବେଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ପରିବେଶ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବିଜ୍ଞାନ ଶିକ୍ଷକ ରାମନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଅନ୍ୟ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଯଥା ପ୍ରଫୁଲ୍ଲ ଚନ୍ଦ୍ର ଦାସ, ନମିତା ମହାନ୍ତି, ସୁଜାତା ପାଢୀ, ଗୌରୀଶଙ୍କର ପାଣିଗ୍ରାହୀ, ପ୍ରଭାସିନୀ ଭୂୟାଁ ଓ ସନ୍ଧ୍ୟା ଦେବୀ ପ୍ରମୁଖ ସହଯୋଗ କରିଥିଲେ । କିରାଣି ପ୍ରେମାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ,୩।୨:** ବ୍ରହ୍ମପୁର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୪ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଆଧାତ୍ମିକ ମାର୍ଗରେ ଶିକ୍ଷାଲାଭ କରି ଜୀବନରେ ସଫଳତା ପାଇବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦିଆଯାଇଥିଲା। ଗୋସାଣୀନୂଆଗାଁ ମୀରା ବିହାରସ୍ଥ ଶିକ୍ଷାକେନ୍ଦ୍ରରେ ହୋଇଥିବା ସମାରୋହରେ ରଙ୍ଗେଇଲୁଣ୍ଡା ବ୍ଲକ ଏବିଇଓ ରବୀନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ହୋଇଥିବା ବାର୍ଷିକ ପ୍ରଦର୍ଶନୀକୁ ସେ ଉଦ୍ଘାଟନ କରିଥିଲେ । ଏଥିରେ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଆଧାରିତ ବାଣୀ, ଫଟୋ ସମେତ ବିଜ୍ଞାନ, ହସ୍ତକର୍ମ, ଚିତ୍ରାଙ୍କନ ଆଦି ସ୍ଥାନିତ ହୋଇଥିଲା। ପ୍ରଥମରୁ ନବମ ଶ୍ରେଣୀ ବିଦ୍ୟାର୍ଥୀମାନେ ବିଜ୍ଞାନର ବିଭିନ୍ନ ପ୍ରକଳ୍ପ ଏବଂ ଅଦରକାରୀ ଜିନିଷରୁ ତିଆରି ହସ୍ତକର୍ମ ଆଦି ପ୍ରସ୍ତୁତ କରିଥିଲେ । ଅଧକ୍ଷା ସସ୍ମିତା କୁମାରୀ ପଣ୍ଡାଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉତ୍ସବ ଓ ପ୍ରଦର୍ଶନୀରେ ସହଯୋଗ କରିଥିଲେ। ପରିଚାଳନା କମିଟି ସଭାପତି ବିକାଶ ଚନ୍ଦ୍ର ପାଢ଼ୀ ଓ ସଦସ୍ୟ ଅରକ୍ଷିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ଅରବିନ୍ଦ ପାଠଚକ୍ରର ସଦସ୍ୟା ଓ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଉଦ୍‌ଘାଟନର ୩ ବର୍ଷ ପୂରିଲା

# ବିଡିଏ ନିର୍ମିତ ବସ୍ ଟର୍ମିନାଲରେ ଝୁଲୁଛି ତାଲା

- ଜାତୀୟ ରାଜପଥକୁ ସଂଯୋଗ ରାସ୍ତା ସୁବିଧା ନାହିଁ
- ଘରୋଇ ମାଲିକ ବସ୍ ନେବାକୁ ମୁହଁ ମୋଡୁଛନ୍ତି
- ବିରୋଧୀ ଭାଜପା, କଂଗ୍ରେସର ସମାଲୋଚନା
- ରିଂ-ରୋଡ ନିର୍ମାଣ ସରିଲେ ହେବ କାର୍ଯ୍ୟକ୍ଷମ: ବିଡିଏ ଅଧ୍ୟକ୍ଷ

**ବ୍ରହ୍ମପୁର ଅଫିସ,୩।୨**

ବିଡିଏ (ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ) ନିର୍ମିତ ମହାନଗର ଉପକଣ୍ଠ ହଳଦିଆପଦର ଆଧୁନିକ ବସ୍ ଟର୍ମିନାଲ ଉଦ୍‌ଘାଟନର ଶନିବାର ୩ ବର୍ଷ ପୂରିଛି । ୧୨.୭୪ କୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ବସ୍ ଟର୍ମିନାଲକୁ ୨୦୧୬ ଫେବୃୟାରୀ ୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରି ଯାତ୍ରୀଙ୍କ ସେବାରେ ଉତ୍ସର୍ଗ କରିଥିଲେ। ସେବେଠାରୁ ଟର୍ମିନାଲର ମୁଖ୍ୟ ଫାଟକରେ ତାଲା ଝୁଲୁଛି ।

ସୂଚନାଯୋଗ୍ୟ, ମହାନଗରରେ ଜନସଂଖ୍ୟା ଓ ଯାନବାହନ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଥିବାରୁ ଟ୍ରାଫିକ ନିୟନ୍ତ୍ରଣରେ ସମସ୍ୟା ସୃଷ୍ଟି କରିଛି । କଟକ ଓ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରୁ ପ୍ରତିଦିନ ୩ ଶତାଧିକ ସରକାରୀ ଓ ଘରୋଇ ବସ୍ ଚଳାଚଳ ହେଉଛି । ଅତୀତରେ ପୁରୁଣା ବସ୍‌ଷ୍ଟାଣ୍ଡ ସଂକୀର୍ଣ୍ଣ ହେବାରୁ ଏମ୍‌କେସିଜି ମେଡିକାଲ ପଛପଟରେ ନୂଆ ବସ୍‌ଷ୍ଟାଣ୍ଡ ୨୫ ବର୍ଷ ପୂର୍ବେ ନିର୍ମାଣ କରାଗଲା। ତାହା ମଧ୍ୟ ପୂର୍ବ ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ସଂସ୍ଥା (ବର୍ତ୍ତମାନର ବିଡିଏ) ପକ୍ଷରୁ ହୋଇଥିଲା ।



ହଳଦିଆପଦର ଆଧୁନିକ ବସ୍ ଟର୍ମିନାଲ।

ଘରୋଇ ଏବଂ ଓଏସ୍‌ଆରଟିସିର ବସଗୁଡ଼ିକ ସେଠାରୁ ଯାତାୟାତର ବ୍ୟବସ୍ଥା କରାଯାଇ ପୁରୁଣା ବସ୍‌ଷ୍ଟାଣ୍ଡକୁ ବନ୍ଦ କରି ଦିଆଗଲା । ତଥାପି ସମସ୍ୟା ବଢ଼ିବାରୁ ହଳଦିଆପଦର ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ନୂଆ ବସ୍ ଟର୍ମିନାଲ ନିର୍ମିତ ହୋଇଛି ।

ଉଦ୍‌ଘାଟନ ପରେ ସମସ୍ତ ବସ୍ ସେଠାରୁ ଚଳାଚଳ ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଗଲା । ସମସ୍ତ ସୁବିଧା ଉପଲବ୍ଧ ନ ଥିବା ଏବଂ ଟର୍ମିନାଲରୁ ବସ ଜାତୀୟ ରାଜପଥକୁ ଆସିବା ବେଳେ ନିଶ୍ଚିତ ଦୁର୍ଘଟଣା ଘଟିବାର ଆଶଙ୍କା କରି ଘରୋଇ ବସ ମାଲିକମାନେ ମୁହଁ ମୋଡ଼ିଲେ। ଗଞ୍ଜାମ ଜିଲାପାଳ ବିଡିଏର ଉପାଧ୍ୟକ୍ଷ ଅଛନ୍ତି । ୩ ବର୍ଷ ମଧ୍ୟରେ ବହୁବାର ବୈଠକ କରି ଟର୍ମିନାଲକୁ ବସଗୁଡ଼ିକ ନେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ତେବେ ମାଲିକମାନେ ସେଠାକୁ ବସ ନେବା ପାଇଁ ରାଜି ହେଉନାହାନ୍ତି । ଜାତୀୟ ରାଜପଥ ପର୍ଯ୍ୟନ୍ତ ବିକଳ୍ପ ବ୍ୟବସ୍ଥାରେ ରାସ୍ତା ସମ୍ପ୍ରସାରଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ସେହି ପ୍ରକାରେ ରାସ୍ତାର ନକ୍ସା ମଧ୍ୟ ସାମାନ୍ୟ ପରିବର୍ତ୍ତନ କରାଯାଇଥିଲା। ତଥାପି ମାଲିକମାନେ ରୋକଠୋକ୍ ମନାକରି ଦେଇଛନ୍ତି । ସରକାରୀ ଓଏସ୍‌ଆରଟିସି ବସ୍ ମଧ୍ୟ ହଳଦିଆପଦରକୁ ଯାଉନାହିଁ । ଗଞ୍ଜାମ ଅର୍ବାନ ଟ୍ରାନ୍ସପୋର୍ଟ ସର୍ଭିସ ଲିଃ ନାମରେ ୩୨ଟି ସିଟିବସ ଚଳାଚଳ ହେଉଛି । ତାହାକୁ ଘରୋଇ କରାଯାଇଛି। ସେହି ବସ୍‌ଗୁଡ଼ିକ ରାତିରେ ସେଠାରେ ରଖାଯାଉଛି । ଏଭଳି ସ୍ଥିତିରେ ଏବେ ଘରୋଇ ବସ୍‌ଗୁଡ଼ିକ ନୂଆ ବା ସିଟି ବସ୍‌ଷ୍ଟାଣ୍ଡରୁ ଯାତାୟାତ କରୁଛି।

ଶନିବାର ବିଡିଏ ଅଧ୍ୟକ୍ଷ କହିଛନ୍ତି, ପ୍ରସ୍ତାବିତ ରିଂ-ରୋଡ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ରାସ୍ତା ସଂଯୋଗ ସୁଗମ ହେବ ଏବଂ ହଳଦିଆପଦର ବସ ଟର୍ମିନାଲ କାର୍ଯ୍ୟକ୍ଷମ ହୋଇପାରିବ । ରିଂ-ରୋଡ ନିର୍ମାଣ କାର୍ଯ୍ୟ ସରିବାକୁ ପ୍ରାୟ ଏକ ବର୍ଷ ଲାଗିବାର ସେ ଦର୍ଶାଇଛନ୍ତି ।

# ଜିଲା କୋର୍ଟରେ ସ୍ୱଚ୍ଛ, ସବୁଜ ପ୍ରକଳ୍ପର ଶୁଭାରମ୍ଭ



ଜିଲା କୋର୍ଟ ପରିସରରେ ଚାରା ରୋପଣ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୩।୨**

ଓଡିଶା ହାଇକୋର୍ଟର ମୁଖ୍ୟ ନ୍ୟାୟାଧୀଶ ଜଷ୍ଟିସ୍ କେ. ଏସ୍. ଝାବେରୀଙ୍କ ଆଦେଶ ଅନୁଯାୟୀ, ଗଞ୍ଜାମ ଜିଲା ଦୌରା ଓ ଜଜ୍ କୋର୍ଟରେ ରବିବାର ସ୍ୱଚ୍ଛ ଓ ସବୁଜ ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ଜିଲା ଜଜ୍ ବିଭୁପ୍ରସାଦ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆଇନ ସେବା ପ୍ରାଧିକରଣ କମିଟି ସଚିବ ବିଜୟ କୁମାର ଦାସଙ୍କ ସଂଯୋଜନାରେ ସମସ୍ତ କୋର୍ଟର ବିଚାର ବିଭାଗୀୟ ଜଜ୍ ଏବଂ କର୍ମଚାରୀମାନେ ଯୋଗଦେଇ କୋର୍ଟ ପରିସରରେ ସଫେଇ କରାଯିବା ସହିତ ୩୦ ବୃକ୍ଷ ଚାରା ରୋପଣ କରିଥିଲେ। ଜିଲା କୋର୍ଟ ସମେତ ଅଧୀନରେ ଥିବା କୋର୍ଟ ଗୁଡ଼ିକରେ ସ୍ୱଚ୍ଛ ଓ ସବୁଜ ବାତାବରଣ ରଖିବା ନେଇ ପ୍ରାଧିକରଣ ପକ୍ଷରୁ ସଚେତନତା କରାଯାଇଥିଲା । ଏଡିଜେ-୨ ଦୀପକ କୁମାର୍, ସିଜେଏମ୍ ପ୍ରଣତି ଶାହା, ଏସିଜେଏମ୍ ସରୋଜ ଦାସ, ରେଜିଷ୍ଟ୍ରାର୍ ଅମିତ୍ ଏସ୍.କେ. ସେଠ୍, ସିଭିଲ୍ ଜଜ୍(ଏସ୍‌ଡି) ପ୍ରଜ୍ଞା ପରମିତା ରାଉତ, ଅତିରିକ୍ତ ସିଭିଲ୍ ଜଜ୍(ଏସ୍‌ଡି) ବିଦ୍ୟାଧର ପୃଷ୍ଟି, ସିଭିଲ୍ ଜଜ୍(ଏସ୍‌ଡି)-୨ କମଳାକାନ୍ତ ନାୟକ,ସିଭିଲ୍ ଜଜ୍(ଏସ୍‌ଡି) ବିଶ୍ୱଜିତ୍ ନାୟକ, ଏସଡିଜେଏମ୍ ପ୍ରଜ୍ଞା ପଣ୍ଡା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ କୋର୍ଟ କର୍ମଚାରୀ ଓ ପ୍ରାଧିକରଣ କାର୍ଯ୍ୟାଳୟ କର୍ମଚାରୀ ଏବଂ ପାରା ଲିଗାଲ୍ ଭଲ୍ୟୁଣ୍ଟିୟର୍ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଗଞ୍ଜାମ ଜିଲା : ବିଭିନ୍ନ ନଗର କଂଗ୍ରେସ ସଭାପତି ନିଯୁକ୍ତ

**ବ୍ରହ୍ମପୁର ଅଫିସ,୩।୨**

ଗଞ୍ଜାମ ଜିଲାର ହିଞ୍ଜିଳି ମ୍ୟୁନିସିପାଲିଟି ଏବଂ ୧୩ ଏନ୍‌ଏସିର କଂଗ୍ରେସ ସଭାପତି ନିଯୁକ୍ତ ହୋଇଛନ୍ତି। ପ୍ରଦେଶ କଂଗ୍ରେସର ଅନୁମୋଦନ ପରେ ଜିଲା କଂଗ୍ରେସ ପକ୍ଷରୁ ରବିବାର ନାମ ଘୋଷଣା କରାଯାଇଛି। ଗୋପାଳପୁର ଏନଏସିର କଂଗ୍ରେସ ସଭାପତି ଭାବେ ଏସ. ମଧୁ, ରମ୍ଭା ଏନ୍‌ଏସି ପାଇଁ ବିପିନ ପ୍ରଧାନ, ପୋଲସରା ରଘୁନାଥ ସାହୁ, ଗଞ୍ଜାମ ନବକୃଷ୍ଣ ପଣ୍ଡା, କବିସୂର୍ଯ୍ୟନଗର ଗୋପୀନାଥ ପାଳ ଏବଂ ହିଞ୍ଜିଳି ମ୍ୟୁନିସିପାଲିଟି ପାଇଁ ସୁନାରାମ ସାବତ କଂଗ୍ରେସ ସଭାପତି ନିଯୁକ୍ତ ହୋଇଛନ୍ତି। ସେହିପରି ପୁରୁଷୋତ୍ତମପୁର ଏନ୍‌ଏସି ପାଇଁ ମାନସ ରଞ୍ଜନ ଦାସ, ବିଧାନ ଚନ୍ଦ୍ର ସ୍ୱାଇଁ ଆସିକା, ରସାନନ୍ଦ ରାଉତ ଦିଗପହଣ୍ଡି, ଜିତେନ୍ଦ୍ର କୁମାର ପାଣ୍ଡେ ସୋରଡ଼ା, ଲକ୍ଷ୍ମୀକାନ୍ତ ମହାପାତ୍ର ଭଞ୍ଜନଗର, ନମ ଶିବାୟ ବିନ୍ଧାଣୀ ବେଲଗୁଣ୍ଠା, ଅଜିତ କୁମାର ସାହୁ କୋଦଳା ଏନଏସିର ସଭାପତି ହୋଇଛନ୍ତି। ଅପରପକ୍ଷେ ଛତ୍ରପୁର, ଚିକିଟି ଓ ବୁଗୁଡ଼ା ଏନ୍‌ଏସି କଂଗ୍ରେସ ସଭାପତିଙ୍କ ନାମ ପରବର୍ତ୍ତି ପର୍ଯ୍ୟାୟରେ ଘୋଷଣା ହେବ ବୋଲି ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ, ଏହି ଜିଲାରେ ବ୍ରହ୍ମପୁର ମହାନଗର ନିଗମ ଏବଂ ହିଞ୍ଜିଳି ମ୍ୟୁନିସିପାଲିଟି ଓ ୧୬ ଏନଏସି ରହିଛି। ପୂର୍ବରୁ ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ଭାବେ ପ୍ରମୋଦ କୁମାର ଜେନାଙ୍କ ନାମ ଘୋଷଣା ହୋଇସାରିଛି ।

# ବ୍ରାହ୍ମଣ ମହାସଭାର କାର୍ଯ୍ୟକାରିଣୀ ବୈଠକ

**ବ୍ରହ୍ମପୁର ଅଫିସ,୩।୨**

ଗଞ୍ଜାମ ଜିଲା ବ୍ରାହ୍ମଣ ମହାସଭାର କାର୍ଯ୍ୟକାରିଣୀ ବୈଠକ କୋର୍ଟପେଟା ଟେଙ୍କୋ ଅଫିସ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ୧୭ତାରିଖରେ ବ୍ରହ୍ମପୁରରେ ରାଜ୍ୟ ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ କରାଯିବାକୁ ରାଜ୍ୟ ସଂଘ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା । ଏଥିରେ ଓଡିଶାର ବିଭିନ୍ନ ଜିଲାର କର୍ମକର୍ତ୍ତା ଯୋଗଦେବା ସହ କାର୍ଯ୍ୟକ୍ରମ ଅବସରରେ ବ୍ରାହ୍ମଣ କର୍ପୋରେଶନ, ମେଧାବୀଙ୍କୁ ଅଗ୍ରାଧିକାର ଦିଆଯିବା, ପଞ୍ଚାୟତ, ପ୍ରତି ବ୍ଲକ ତଥା ସହର ଗୁଡ଼ିକରେ ବ୍ରହ୍ମଣ ସମାଜ ଗଠନ ଉପରେ ଆଲୋଚନା କରାଯିବା ନେଇ ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ପଣ୍ଡା ସୂଚାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ଶତପଥୀ, ଚିତ୍ତରଞ୍ଜନ ପଣ୍ଡା, ରାମ ଦାଶ, ଜଗନ୍ନାଥ ପାଢୀ, ରମେଶ ଚନ୍ଦ୍ର ମହାପାତ୍ର, ଜଗଦାନନ୍ଦ ଦାଶ ଓ ଡା. ଶିବପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଲକ୍ଷ୍ମୀଚରଣ ପଣ୍ଡା ଧନ୍ୟବାଦ ଦେଇଥିଲେ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।


## ସେଲ୍‌ଫି କର୍ଣ୍ଣର



କାଳୀଚରଣ



ମୃତ୍ୟୁଞ୍ଜୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଆଙ୍କୁଲି ବିଦ୍ୟାଳୟର ସ୍ୱତନ୍ତ୍ର ବୈଠକ

**ବ୍ରହ୍ମପୁର ଅଫିସ,୩।୨**

ସ୍ଥାନୀୟ ଶିଳ୍ପାଞ୍ଚଳ ଆଙ୍କୁଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦିନୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ବିଶିଷ୍ଟ ସାମାଜିକ କର୍ମୀ ଭାଗୀରଥି ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଚଳର ଅଭିଭାବକମାନେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ପ୍ରସନ୍ନ ପ୍ରଧାନ, ଲାଇଫ ଲାଇନ ସଭାପତି ଏଲ. ସୁଦାମ ଦାସ, ସୁନନ୍ଦା ପତି, ରାମ ନାରାୟଣ ମିଶ୍ର, ପ୍ରଭାତୀ ମହାରଣା, ଆରତି ବେହେରା, ତୁନି ମହାରଣା, ସୁନୀତା ପଟ୍ଟନାୟକ, ଇନ୍ଦ୍ରଜିତ ବେହେରା, ନରସିଂହ ଗୌଡ଼, ସୁଶନ୍ତ ମହାରଣା, ଆଶାକର୍ମୀ ସନ୍ଧ୍ୟାରାଣୀ, ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ ଗୀତାରାଣୀ ପ୍ରମୁଖଙ୍କୁ ନେଇ ପରିଚାଳନା କମିଟି ଗଠନ କରାଯାଇଛି । ଆସନ୍ତା ବୈଠକରେ କମିଟି ସଦସ୍ୟା ଓ ସଦସ୍ୟମାନେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଚୟନ କରିବେ। ବୈଠକରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ ।

# କର୍କଟ ରୋଗ ନିରୂପଣ, ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର ଅଫିସ୍,୩।୨**

ବ୍ରହ୍ମାନଗର ପ୍ରଥମ ଲେନ୍ 'କ୍ରାନ୍ତି' ଅନୁଷ୍ଠାନ ତରଫରୁ ଦୁଇଦିନିଆ କର୍କଟ ରୋଗ ନିରୂପଣ ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶନିବାର ଭଞ୍ଜନଗର ଘୁମୁସର କ୍ଲବ୍ ଏବଂ ରବିବାର ବ୍ରହ୍ମପୁର କେ.ସି. ପବ୍ଲିକ୍ ସ୍କୁଲ୍‌ରେ ଏହି ଶିବିର ଆୟୋଜିତ ହୋଇଥିଲା । ଶିବିରକୁ କ୍ରାନ୍ତି ଅନୁଷ୍ଠାନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାଶ ପରିଚାଳନା କରିଥିବା ବେଳେ ବିଭିନ୍ନ ବିଭାଗର ଡାକ୍ତରମାନେ ଯଥା ମୁମ୍ବାଇର କର୍କଟ ରୋଗ ବିଶେଷଜ୍ଞ ଡା. ଶିଶିର ସେଠୀ, କଟକସ୍ଥିତ ପଣ୍ଡା କ୍ୟାନ୍‌ସର୍ ହସ୍‌ପିଟାଲ୍‌ର ଡା. ରଞ୍ଜିତ କର, ନାରୀ ହସ୍‌ପିଟାଲ୍ ନିର୍ଦ୍ଦେଶକ ତଥା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. କୃଷ୍ଣଚନ୍ଦ୍ର ପାଢ଼ୀ ଓ ନିର୍ଦ୍ଦେଶିକା ଡା. ନିଳାଙ୍ଗିନୀ ଗୋଖେଲ୍ ପାଢ଼ୀ, ବରିଷ୍ଠ ଦନ୍ତ ରୋଗ ବିଶେଷଜ୍ଞ ଡା. ସତୀଶ କୁମାର ପଟ୍ଟନାୟକ, ବରିଷ୍ଠ ଭେଷଜ ବିଶେଷଜ୍ଞ ପ୍ରସନ୍ନ କୁମାର ରଥ, କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞ ଡା. ରଞ୍ଜିତ କୁମାର ପାତ୍ର ଓ ଆୟୁର୍ବେଦ ବିଶାରଦ ଡା. ଅତୁଲ୍ୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଚିକିତ୍ସା କରିବା ସହ ଉପଯୁକ୍ତ ପରାମର୍ଶ ଦେଇଥିଲେ। ଭଞ୍ଜନଗରରେ ଆୟୋଜିତ ଶିବିରରେ ୧୬୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିରୁ ୧୦ କର୍କଟ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ସେହିଭଳି ରବିବାର ଶିବିରରେ ୨ଶହ ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା। ସେଥିରୁ ୪୦ଜଣ କର୍କଟ ରୋଗୀ ଚିକିତ୍ସା ସୁବିଧା ନେଇଥିଲେ। ମୁମ୍ବାଇ ଜଗନ୍ନାଥ କ୍ୟାନ୍‌ସର୍ ଆଣ୍ଡ ଫାଉଣ୍ଡେଶନ୍‌ର ମିଳିତ ସହଯୋଗରେ କ୍ରାନ୍ତି ବ୍ରହ୍ମପୁର ଏହି ଶିବିର ଆୟୋଜନ କରିଥିଲା। ଏହି ଅବସରରେ ଜଗନ୍ନାଥ କ୍ୟାନ୍‌ସର୍ ଆଣ୍ଡ ଫାଉଣ୍ଡେଶନ୍‌ର ସମାଜସେବୀ କବିତା ମିଶ୍ର, ଗାୟତ୍ରୀ ମହାନ୍ତି, ଭଞ୍ଜନଗର ସ୍ଥିତ ଘୁମୁସର କ୍ଲବର ସମସ୍ତ କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, ଦେବବ୍ରତ ଗୌଡ଼, ଆଦିତ୍ୟ ପଟ୍ଟନାୟକ, କୃଷ୍ଣଚରଣ ଚୌଧୁରୀ, ଚର୍ଚ୍ଚିକା ଦାଶ ଓ ଚିନ୍ମୟାନନ୍ଦ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

# ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବ ନବ ନିର୍ମାଣ କୃଷକ ସଂଗଠନ

**ବ୍ରହ୍ମପୁର ଅଫିସ୍,୩।୨**

ପ୍ରାଇସ୍, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ୍ ଦାବିରେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବ ନବ ନିର୍ମାଣ କୃଷକ ସଂଗଠନ। ଆସନ୍ତା ୬ତାରିଖରେ ବିଧାନସଭା ସମ୍ମୁଖରେ ଚାଷୀ ସମାବେଶରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ୭ତାରିଖରେ ଅର୍ଥନୈତିକ ଅବରୋଧ ଡାକରା ଦିଆଯାଇଛି। ଗଞ୍ଜାମ ଜିଲାର ପ୍ରାୟ ୧୦ହଜାର ଚାଷୀ ଏଥିରେ ସାମିଲ୍ ହେବେ ବୋଲି ରବିବାର ସଂଗଠନ ଗଞ୍ଜାମ ଜିଲା ଶାଖା ତରଫରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ୨୦୧୮ ଅକ୍ଟୋବର ୨୯ତାରିଖରେ ଚାଷୀମାନେ ଉପରୋକ୍ତ ଦାବି ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନଭେମ୍ବର ୫ତାରିଖରେ ଐତିହାସିକ ପଦଯାତ୍ରା ଭୁବନେଶ୍ୱର ଅଭିମୁଖେ ଯାଇଥିଲା। ଏତଦ୍ ବ୍ୟତୀତ ବିଭିନ୍ନ ସମୟରେ ବ୍ଲକ କାର୍ଯ୍ୟାଳୟ, ତହସିଲ୍‌ଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରା ଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରିନାହାନ୍ତି ।




ଖବରଦାତା ସମ୍ମିଳନୀରେ ସଂଗଠନ କର୍ମକର୍ତ୍ତାମାନେ ।

ଦୀର୍ଘ ବର୍ଷ ହେଲା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୫ହଜାର ଟଙ୍କା କରିବାକୁ ଦାବି କରାଯାଉଛି। ହେଲେ ସରକାର ଏହି ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି । ପୂର୍ବରୁ କୁଇଣ୍ଟାଲ୍ ପିଛା ୧୫୫୦ଟଙ୍କା ଥିଲା। କେନ୍ଦ୍ର ସରକାର ୨ ଶହ ଟଙ୍କା ବଢ଼ାଇ ୧୭୫୦ ଟଙ୍କା କଲେ । ଏହାଠୁ ଗୋଟିଏ ପାଦ ଆଗକୁ ଯାଇ ଛତିଶଗଡ଼ ସରକାର ୭୫୦ଟଙ୍କା ବୋନସ୍ ଦେଲେ । ଫଳରେ ସେଠାକାର ଚାଷୀମାନେ ଧାନ କୁଇଣ୍ଟାଲ୍ ୨୫ଶହ ଟଙ୍କା ପାଉଛନ୍ତି । ଏଣୁ ଓଡ଼ିଶା ସରକାର ମଧ୍ୟ ନିଜେ ବୋନସ୍ ବୃଦ୍ଧିକରି ୨୯୩୦ଟଙ୍କା କୁଇଣ୍ଟାଲ୍ ପିଛା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିଭଳି ୬୦ବର୍ଷରୁ ଅଧିକ ବୟସ୍କ ଚାଷୀଙ୍କୁ ୫ହଜାର ଟଙ୍କା ପେନସନ୍ ପ୍ରଦାନ ଏବଂ ଅନ୍ୟାନ୍ୟ ଚାଷୀଙ୍କ ସମସ୍ୟାର ସମାଧାନ ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି । କାଳିଆ ଯୋଜନାରେ ସରକାର କେବଳ ନିଜ ପ୍ରଚାର କରୁଛନ୍ତି। ଏହାର ସୁଫଳ ଚାଷୀମାନେ ପାଇବେ ନାହିଁ ବୋଲି ସଂଗଠନ ତରଫରୁ କୁହାଯାଇଛି। ଅର୍ଥନୈତିକ ଅବରୋଧ ସମୟରେ ରାଜ୍ୟର ପ୍ରବେଶ ପଥ ଏବଂ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳଗୁଡ଼ିକରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ବ୍ୟବସାୟିକ କାରବାର ବନ୍ଦ କରାଯିବ। ହେଲେ ଖାଦ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ନେଇ ଯାଉଥିବା ଗାଡ଼ି ଅଟକାଯିବ ନାହିଁ ବୋଲି ସଂଗଠନ ଗଞ୍ଜାମ ଜିଲା ପ୍ରଭାରୀ ସଚ୍ଚିନ ମହାପାତ୍ର ପ୍ରକାଶ କରିଛନ୍ତି ।

ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ରମେଶ ଚନ୍ଦ୍ର କର, ପୁରୁଷୋତ୍ତମପୁର ସଂଯୋଜକ କୈଳାସ ଚନ୍ଦ୍ର ପାତ୍ର, ପୋଲସରା ସଂଯୋଜକ ସନ୍ତୋଷ ମଲ୍ଲିକ, ରଙ୍ଗେଇଲୁଣ୍ଡା ସଂଯୋଜକ ସୁଦର୍ଶନ ପାତ୍ର, ଲୋକନାଥ ଦଳେଇ, ବୁଗୁଡ଼ା ସଂଯୋଜକ ସନ୍ତୋଷ ସାହୁ, ଧରାକୋଟ ସଂଯୋଜକ ବିଜୟ ବାରିକ ଓ ଛାତ୍ରନେତା ସୁବୋଧ ସୁମନ ସ୍ୱାଇଁ ଏବଂ ଅକ୍ଷୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ବୁଗୁଡ଼ା,୩।୨(ଡି.ଏନ.ଏ.):** ବୁଗୁଡ଼ା ନିକଟସ୍ଥ ବୁଦ୍ଧଖୋଲକୁ ଯିବା ରାସ୍ତାରେ ଶନିବାର ରାତି ପ୍ରାୟ ୧୧ଟାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ବାଲ୍ୟ ନାୟକ (୨୦)। ବାଲ୍ୟ ଶନିବାର ରାତିରେ ବୁଦ୍ଧଖୋଲ ମହୋତ୍ସବ ଦେଖି ବାଇକ୍‌ରେ ଗ୍ରାମକୁ ଫେରୁଥିବା ବେଳେ ବୁଦ୍ଧଖୋଲ ରାସ୍ତାରେ ଅନ୍ୟ ଏକ ବାଇକ୍ ଆରୋହୀ ତାଙ୍କୁ ଧକ୍କା ଦେଇ ପଳାଇଥିଲେ। ଫଳରେ ବାଲ୍ୟ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇଯାଇଥିଲେ। ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଅବସ୍ଥା ଗୁରୁତର ହେବା ଯୋଗୁ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଣାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ।

### ଦୋକାନ ଭାଙ୍ଗି ଲୁଟ

**ପୁରୁଷୋତ୍ତମପୁର,୩।୨(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ରଥସାହି ଛକରେ ଥିବା ଶନିବାର ରାତିରେ ମନୋରଞ୍ଜ ପାତ୍ରଙ୍କ ମୋବାଇଲ, ଶ୍ୟାମ ସୁନ୍ଦର ଭୁକ୍ତାଙ୍କ ହୋଟେଲ ଓ ଦେବାଶିଶ ପାତ୍ରଙ୍କ ଡ୍ରେସ୍ ଦୋକାନ ଭାଙ୍ଗି କେହି ଦୁର୍ବୃତ୍ତ ମୋବାଇଲ ସହ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଦୋକାନ ମାଲିକମାନେ ରବିବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଖବର ଲେଖା ସୁଦ୍ଧା ଥାନାରେ କେସ୍ ହୋଇନାହିଁ। ଏଭଳି ଚୋରି ହେଉଥିବାରୁ ଏଥିପ୍ରତି ପୋଲିସ ପଦକ୍ଷେପ ନେବାଲାଗି ରଥସାହି ଛକ ବ୍ୟବସାୟୀ ସଂଘ ପକ୍ଷରୁ ଦାବି ହୋଇଛି।

### ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧୋତ୍ସବ

**କନିଷି,୩।୨(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାର୍ସୁ ଶତପଥୀଙ୍କ ଶ୍ରାଦ୍ଧ ଉତ୍ସବ ବିଡିଓଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି । ଗୋଳନ୍ଥରା ଗ୍ରାମ ନିବାସୀ ସ୍ୱର୍ଗତ ନାର୍ସୁ ଗୋଳନ୍ଥରା ପଞ୍ଚାୟତରେ ୧୫ ବର୍ଷ ଧରି ସରପଞ୍ଚ ରହି ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ଶ୍ରାଦ୍ଧ ଉତ୍ସବରେ ୨ ପୁଅ ପ୍ରକାଶ ଓ ପ୍ରଦୀପଙ୍କ ସମେତ ଆତ୍ମୀୟ ସ୍ୱଜନ ଓ ଗୋଳନ୍ଥରାର ଈଶାଣ ପାଣିଗ୍ରାହୀ, ପୁରୋହିତ ତପନ ପଣ୍ଡା, ପ୍ରମୋଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

ଅଷ୍ଟମ ତାପସ ମେମୋରିଆଲ ଟ୍ରଫି

### କେନ୍ଦୁପଦର କ୍ୱାର୍ଟର ଫାଇନାଲରେ

**ଧରାକୋଟ,୩।୨(ଡି.ଏନ୍.ଏ.):** ଧରାକୋଟ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଥିବା ତାପସ ମେମୋରିଆଲ ଟ୍ରଫିର ୭ମ ଦିବସରେ କେନ୍ଦୁପଦର ଓ ସୋରଡ଼ା ମଧରେ ହୋଇଥିବା ମ୍ୟାଚରେ କେନ୍ଦୁପଦର ଦଳ କ୍ୱାଟରେ ପହଞ୍ଚିଛି। ପ୍ରଥମେ ଟସ୍ ଜିଣି ସୋରଡ଼ାଦଳ ୭ଟି ଉଇକେଟ ହରାଇ ୨୦ ଓଭରରେ ୧୫୪ ରନ୍ ସଂଗ୍ରହ କରିଥିବା ବେଳେ କେନ୍ଦୁପଦର ଦଳ ୧୯ ଓଭରରେ ୭ ଉଇକେଟରେ ୧୫୭ କରି ନକଆଉଟ୍ ରାଉଣ୍ଡ ମ୍ୟାଚକୁ ଜିତିବା ସହ କ୍ୱାର୍ଟରେ ପହଞ୍ଚିଯାଇଛି। ବିଜୟୀ ଦଳର ସିଦ୍ଧାର୍ଥ କାକା ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ମ୍ୟାଚ୍‌କୁ ଅମ୍ପାୟର ଦିଲିପ ପ୍ରଧାନ ଓ ଦୀପୁ ଦାସ ପରିଚାଳନା କରିଥିବା ବେଳେ ନିଲୁ ଜେନା ସହଯୋଗ କରିଥିଲେ। ସୋମବାର ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ।

### କୋଠଘର ଉଦ୍‌ଘାଟିତ

**ପୋଲସରା,୩।୨(ଡି.ଏନ.ଏ.):** ପୋଲସରା ବ୍ଲକ ରୁମାଗଡ଼ ପଞ୍ଚାୟତସ୍ଥିତ ଭାଟଖାଲି ଗ୍ରାମରେ ହରିଜନ ସାହିର ନୂତନ କୋଠଘରକୁ ରବିବାର ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଭାଟଖାଲି ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ବିଜେଡିର ରୁମାଗଡ଼ ପଞ୍ଚାୟତର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ସାହୁ, ବ୍ଲକ ବିଜେଡି ସମ୍ପାଦକ ଅଶୋକ ବିଶୋୟୀଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ ।



# ବଢୁଛି କାଠ ଚୋରାଚାଲାଣ ମାମଲା

**ଦିଗପହଣ୍ଡି,୩।୨(ଡି.ଏନ.ଏ.)**



ଦିଗପହଣ୍ଡି ବନାଞ୍ଚଳରେ ଥିବା ଏକ ହାତୀ।

**ଦିଗପହଣ୍ଡି ବନାଞ୍ଚଳ**
- ୨ ଲକ୍ଷ ୭୪ ହଜାର ଜରିମାନା ଆଦାୟ
- ହାତୀ ସଂଖ୍ୟା ୧୯, କୁମ୍ଭୀର ୫୮, କୃଷ୍ଣସାର ମୃଗ ୨୭୨
- ୧୮ ପ୍ରଜାତି ପକ୍ଷୀଙ୍କ ସଂଖ୍ୟା ୧୨୧୬, ମୟୂର ୧୫୨

ବ୍ରହ୍ମପୁର ବନଖଣ୍ଡ ଅଧୀନ ଦିଗପହଣ୍ଡି ବନାଞ୍ଚଳ ପକ୍ଷରୁ ୧୪ ଅନଡିଟେକ୍ଟେଡ ୟୁଡି ମାମଲା ସମେତ ସମୁଦାୟ ୭୫୩ ମାମଲା ରୁଜୁ କରାଯାଇଛି। କିଛିଦିନ ପୂର୍ବେ ନୂଆପଡ଼ା ଗ୍ରାମ ନିକଟରେ ଥିବା ଚୋରା କରତକଳ ଉପରେ ଚଢ଼ାଉ କରାଯାଇ ଚାଲାଣ ପାଇଁ ମହଜୁଦ ଥିବା ଚୋରାକାଠ ଓ ଯନ୍ତ୍ରାଂଶ ଜବତ କରାଯାଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷ ଜାନୁୟାରୀ ୧୯ ତାରିଖ ସୁଦ୍ଧା ୨ ଲକ୍ଷ ୭୪ ହଜାର ୨୦ ଟଙ୍କା ବନ ବିଭାଗ ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ବିଭିନ୍ନ ସଂରକ୍ଷିତ ଜଙ୍ଗଲରୁ ଚୋରାଚାଲାଣ କରାଯାଉଥିବା ୭ କାଠ ବୋଝେଇ ଗାଡ଼ିକୁ ଗତ ୧୦ ମାସ ମଧରେ ଜବତ କରାଯାଇଛି । ବନ୍ୟ ସମ୍ପଦ ସୁରକ୍ଷା ଆଇନର ଧାରା ୫୬ ଅନୁଯାୟୀ, ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିବା ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ପରମାନନ୍ଦ ପାଣିଗ୍ରାହୀ ଜଣାଇଛନ୍ତି ।

ଦିଗପହଣ୍ଡି ବନାଞ୍ଚଳରେ ଗତବର୍ଷ ୫ ହାତୀ ଥିବା ବେଳେ ଚଳିତ ବର୍ଷ ୨ ପଲରେ ସମୁଦାୟ ୧୯ ହାତୀ ଥିବା ଜଣାପଡ଼ିଛି । ୨୦୧୭-୧୮ ରେ ହାତୀ ଓ ବାରହା ଉପଦ୍ରବ ଯୋଗୁ ବ୍ୟାପକ ଧାନଫସଲ ନଷ୍ଟ ହୋଇଥିଲା। ବନ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇଛି । ଚଳିତବର୍ଷ ୨ ଶହରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ନିମନ୍ତେ ସୁପାରିସ କରାଯାଇଥିବା ଜଣାପଡ଼ିଛି ।

ଚଳିତ ବର୍ଷ ବନାଞ୍ଚଳ ଅଧୀନ ୧୧ ଜଳାଶୟ ଓ ଘୋଡ଼ାହାଡ଼ ଡ୍ୟାମ ଇଲାକାରେ ୧୮ପ୍ରଜାତିର ସମୁଦାୟ ୧୨୧୬ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୟୂରଙ୍କ ସଂଖ୍ୟା ୧୫୨ ଥିବା ରେକର୍ଡ କରାଯାଇଛି। ବିରଳ କୃଷ୍ଣସାର ମୃଗଙ୍କ ସଂଖ୍ୟା ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇ ୨୭୨ରେ ପହଞ୍ଚିଛି ।

ଘୋଡ଼ାହାଡ଼ ଡ୍ୟାମରେ ୨୦୧୦ରୁ ବନ ବିଭାଗ ପକ୍ଷରୁ କୁମ୍ଭୀର ଗଣନା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ୨୦୧୮ରେ ଡ୍ୟାମ ଇଲାକାରେ ୪୫ ବିରଳ ଗୋମୁହାଁ ପ୍ରଜାତିର କୁମ୍ଭୀର ଥିବା ବେଳେ ଚଳିତବର୍ଷ ସଂଖ୍ୟା ୫୮କୁ ବୃଦ୍ଧି ପାଇଛି । ବନାଞ୍ଚଳ ଅଧୀନରେ ୩୦ରୁ ଊର୍ଦ୍ଧ୍ୱ ବନ ସୁରକ୍ଷା ସମିତି କାର୍ଯ୍ୟ କରୁଥିବା ବେଳେ କୁମ୍ଭୀରଙ୍କ ସୁରକ୍ଷା ପାଇଁ ଘୋଡ଼ାହାଡ଼ ଡ୍ୟାମ କ୍ଲଷ୍ଟର କମିଟି ଏବଂ ପ୍ରତାପଗିରି ଗ୍ରାମରେ କୃଷ୍ଣସାଗର ମୃଗ ସଂରକ୍ଷଣ ସମିତି ଗଠନ କରାଯାଇଛି। ୪ ବନପାଳ, ୧୨ ବନରକ୍ଷୀ, ୧୬ ପାରା ବନ କର୍ମଚାରୀ, ୧୦ ପ୍ରଶିକ୍ଷିତ ବନ୍ୟପ୍ରାଣୀ ସୁରକ୍ଷା କର୍ମୀ ଓ ୨ ପ୍ରଶିକ୍ଷିତ ହାତୀ ଗତିବିଧି ନିରୀକ୍ଷକଙ୍କୁ ନେଇ ପାଟ୍ରୋଲିଂ କରାଯାଉଥିବା ଦିଗପହଣ୍ଡି ରେଞ୍ଜର କହିଛନ୍ତି।




# ୨୬୨ ଘରୋଇ ସ୍କୁଲର ଅନୁମତି ପ୍ରମାଣପତ୍ର ନାହିଁ

**ଛତ୍ରପୁର,୩।୨(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ୪୮୭ଟି ଘରୋଇ ସ୍କୁଲ ରହିଛି। ଏଥିରୁ ୨୬୨ଟି ସ୍କୁଲ ରାଜ୍ୟ ଶିକ୍ଷା ବିଭାଗର ଅନୁମତି ପ୍ରମାଣପତ୍ର ନ ଥାଇ ଚାଲିଛି । ୨୨୫ ସ୍କୁଲ ନିକଟରେ ଅନୁମତି ପ୍ରମାଣପତ୍ର ରହିଛି। ଏପରିକି ୨୦ଟି ସ୍କୁଲ ଅନୁମତି ପ୍ରମାଣପତ୍ର ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରି ନ ଥିଲେ। ଏମାନଙ୍କୁ ନୋଟିସ୍ ଦିଆଯାଇଥିବା ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ସୂଚନା ଦେଇଛନ୍ତି। ଅନୁମତି ପାଇ ନ ଥିବା ସ୍କୁଲ ଗୁଡିକ ସରକାରୀ ନିୟମ ଅନୁସାରେ କାର୍ଯ୍ୟକାରୀ କରି ଆବେଦନ କରିବାକୁ କୁହାଯାଇଛି । ଅପରପକ୍ଷରେ ଉକ୍ତ ସ୍କୁଲ ଗୁଡିକ ସରକାରୀ ନିୟମ ପୂରଣ ନ କଲେ ଆସନ୍ତା ଶିକ୍ଷାବର୍ଷରୁ ବନ୍ଦ କରାଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଘରୋଇ ସ୍କୁଲଗୁଡିକ ରାଜ୍ୟ ଶିକ୍ଷା ବିଭାଗ ଠାରୁ ଅନୁମତି ପ୍ରମାଣପତ୍ର ପାଇବା ଲାଗି ଅନଲାଇନ୍‌ରେ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ପ୍ରମାଣପତ୍ର ପାଇବା ପାଇଁ ଆବେଦନ କରିଥିବା ସ୍କୁଲଗୁଡିକ ନିୟମ ଅନୁସାରେ ଚାଲିଛି କି ନାହିଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସରକାରଙ୍କୁ ରିପୋର୍ଟ ଦିଆଯାଇଥାଏ । ଏହାକୁ ଆଧାର କରି ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଘରୋଇ ସ୍କୁଲ ଗୁଡିକୁ ଅନୁମତି ପ୍ରମାଣପତ୍ର ଦିଆଯାଇଥାଏ। ଅଧିକାଂଶ ଘରୋଇ ସ୍କୁଲରେ ସରକାରୀ ନିୟମ ଅନୁସାରେ ତାଲିମପ୍ରାପ୍ତ ଶିକ୍ଷକ, ସ୍କୁଲର ଖେଳପଡିଆ, ପାଇଖାନା, ଶ୍ରେଣୀଗୃହ ଆଦି ନ ଥିବାରୁ ସେଗୁଡିକୁ ଅନୁମତି ପ୍ରମାଣପତ୍ର ମିଳିନି। ଅଧିକାଂଶ ସ୍କୁଲ ଅନଲାଇନ୍‌ରେ ଆବେଦନ କରି ନ ଥିବାରୁ ପୁଣି ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଆବେଦନର ସମୟ ବୃଦ୍ଧି କରାଯାଇଥିଲା।

ଲକ୍ଷ୍ମୀଦତ୍ତ ହତ୍ୟା ମାମଲା

# ଆଉ ଜଣେ ଗିରଫ, ୧୯ରେ ପହଞ୍ଚିଲା ଗିରଫ ସଂଖ୍ୟା

**ଛତ୍ରପୁର,୩।୨(ଡି.ଏନ.ଏ)**



ସୁବ୍ରତ ପଟ୍ଟନାୟକ।

ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସିର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ହତ୍ୟା ମାମଲାରେ ରବିବାର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ପୋଲସରା ଥାନା ପାଣ୍ଡିରିପଡା ଗାଁର ସୁବ୍ରତ ପଟ୍ଟନାୟକ ଓରଫ ଲକି ଓରଫ ମାଷ୍ଟର। ସୁବ୍ରତ ଛତ୍ରପୁର ଏନଏସି ପୁଡିଗୋପାଳପୁରରେ ରହୁଥିଲେ। ତାଙ୍କୁ ଛତ୍ରପୁରରୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି । ଏହି ମାମଲାରେ ପୂର୍ବରୁ ୧୮ ଜଣଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ପୁଣି ୩ ଜଣଙ୍କୁ ପୋଲିସ ଥାନାକୁ ଆଣି ପଚରା ଉଚୁରା କରିଥିଲା। ସେମାନଙ୍କ ମଧ୍ୟରୁ ସୁବ୍ରତଙ୍କୁ ଗିରଫ କରାଯାଇଛି। ଫଳରେ ଲକ୍ଷ୍ମୀଦତ୍ତ ହତ୍ୟା ମାମଲାରେ ଗିରଫ ସଂଖ୍ୟା ଏବେ ୧୯ରେ ପହଞ୍ଚିଛି।

୨୦୧୭ ସେପ୍ଟେମ୍ବର ୧୬ ତାରିଖରେ ଲକ୍ଷ୍ମୀଦତ୍ତଙ୍କୁ ତାଙ୍କ ଘର ଆଗରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା । ଏଥିରେ ସମ୍ପୃକ୍ତି ଅଭିଯୋଗରେ ପୂର୍ବରୁ ୨ ଭାଜପା ନେତା କୃଷ୍ଣଚନ୍ଦ୍ର ନାୟକ ଓ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ ଗିରଫ ହୋଇଥିଲେ । ହତ୍ୟାକାଣ୍ଡ ପରେ ଏମାନେ ଡେରାଡୁନ୍ ଯାଇଥିଲେ। ସେଠାରେ ରହିବା ନିମନ୍ତେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସହାୟତା କରିଥିଲେ ବୋଲି ଅଭିଯୁକ୍ତଦ୍ୱୟ ପୋଲିସ ଆଗରେ କହିଥିଲେ। ତେଣୁ ଥାନାରେ ହାଜର ହେବାକୁ ସେ ସମୟରେ ଗୋଲକଙ୍କୁ ଛତ୍ରପୁର ପୋଲିସ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ନୋଟିସ ପ୍ରକାରେ ଗୋଲକ ୨୦୧୭ ନଭେମ୍ବର ୧ ତାରିଖରେ ଥାନାରେ ହାଜର ହୋଇଥିଲେ। ପୋଲିସର ଏକ ଟିମ ତାଙ୍କୁ ୨ଟି ପର୍ଯ୍ୟାୟରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପଚରାଉଚୁରା କରିଥିଲା। ପୁଣି ଆସନ୍ତା ୭ ତାରିଖରେ ଗୋଲକ ଓ ୯ ତାରିଖରେ ଭାଜପା ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ରଙ୍କୁ ହାଜର ହେବାକୁ ଛତ୍ରପୁର ଥାନା ପୋଲିସ ପକ୍ଷରୁ ଗତ ୨୯ ତାରିଖରେ ନୋଟିସ ଜାରି ହୋଇଛି । ହତ୍ୟା ଅଭିଯୁକ୍ତଙ୍କୁ ଫେରାର କରାଇବାରେ ସହଯୋଗ କରିଥିବା ନେଇ ଭୃଗୁଙ୍କୁ ନୋଟିସ ଜାରି ହୋଇଛି।




# ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

**ଭଞ୍ଜନଗର,୩।୨(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକ ହରିଗଡ଼, ବ୍ରାହ୍ମଣପଦର ଓ ଗୁଣ୍ଡିରିବାଡ଼ି ପଞ୍ଚାୟତରେ ରବିବାର ବିଜେଡ଼ିର କର୍ମୀ ସମ୍ମିଳନୀ ହୋଇଥିଲା। ଗୁଣ୍ଡିରିବାଡ଼ି ଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡ଼ି ଯାହା କହେ ତାହା କରେ ବୋଲି କହିଥିଲେ। ବିରୋଧୀ ଦଳର ନେତାମାନେ କେବଳ ପ୍ରତିଶ୍ରୁତି ଦିଅନ୍ତି, ଅସୁବିଧା ସମୟରେ ଦେଖାଦିଅନ୍ତି ନାହିଁ । ଏଭଳି ନେତାମାନଙ୍କ ଠାରୁ ଦୂରେଇ ରହିବା ସହ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ଆହୁରି ଅଧିକ ମଜବୁତ୍ କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଜିଲା ବିଜେଡ଼ି ଉପ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଆଇନଜୀବୀ ଏମ୍. ତାଜ୍ ଆଦେନୀ, ଦିବାକର ନାୟକ, ସୁଧୀର ରଞ୍ଜନ ବେହେରା, ଶୂଳପାଣି ଶତପଥୀ ପ୍ରମୁଖ ବିଭିନ୍ନ ପଞ୍ଚାୟତରେ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଗତ ୨୮ ତାରିଖରୁ ବିଭିନ୍ନ ପଞ୍ଚାୟତରେ ଆରମ୍ଭ ହୋଇଥିବା କର୍ମୀ ସମ୍ମିଳନୀ ମଙ୍ଗଳବାର ଲାଲସିଂ ଓ ମୁଜାଗଡ଼ ପଞ୍ଚାୟତରେ ଉଦ୍‌ଯାପିତ ହେବ।



ଗୁଣ୍ଡିରିବାଡ଼ି ପଞ୍ଚାୟତରେ ଉପସ୍ଥିତ ନେତାମାନେ।

# ଡାକ ବିଭାଗର ସମସ୍ୟା ନେଇ ଦାବିପତ୍ର ପ୍ରଦାନ

**ସୋରଡ଼ା,୩।୨(ଡି.ଏନ୍.ଏ.)**

ସୋରଡ଼ା ଡାକ ବିଭାଗ ୪/୫ ମାସ ହେଲା ସମସ୍ୟାରେ ଗତି କରୁଛି। ଗ୍ରାହକ, ଏଜେଣ୍ଟମାନେ ପ୍ରତିଦିନ ସମସ୍ୟା ଭୋଗୁଛନ୍ତି। କର୍ମଚାରୀ ଅଭାବରୁ କୌଣସି କାର୍ଯ୍ୟ ଶୀଘ୍ର ଶେଷ ହେଉନଥିବା ବେଳେ ୪ ଜାଗାରେ ୨ଜଣ କର୍ମଚାରୀ କାମ କରୁଛନ୍ତି। ଏ ନେଇ ଗ୍ରାହକ ଓ ଏଜେଣ୍ଟ ମିଳିତ ଭାବେ ନୂତନ ଖାତା ଖୋଲିବା, ପ୍ରିଣ୍ଟର ରଖିବା, ଏଜେଣ୍ଟ ସୁବିଧା, ଆଧାର ପଞ୍ଜୀକରଣ, ପାସ ବହିର ବାର୍ଷିକ ସୁଧ ଜମା ଆଦି ୮ ଦଫା ଦାବି ପତ୍ର ଆସିକା ସୁପରିଣ୍ଟେଣ୍ଡେଣ୍ଟ ଡାକବିଭାଗ, ପୋଷ୍ଟ ମାଷ୍ଟର ଜେନେରାଲ୍ ବ୍ରହ୍ମପୁର, ମୁଖ୍ୟ ପୋଷ୍ଟମାଷ୍ଟର, ଗଞ୍ଜାମ ଜିଲାପାଳ, ଭଞ୍ଜନଗର ଉପଜିଲାପାଳ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଭଞ୍ଜନଗର-ଛତ୍ରପୁର, ଥାନାଅଧିକାରୀ, ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ୭ ଦିନ ମଧରେ ଏ ସବୁ ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି। ଏଠାରେ ବିଭାଗ ଅଧୀନରେ ୧୪ଟି ଗ୍ରାମାଞ୍ଚଳ ଡାକଘର କାର୍ଯ୍ୟାଳୟ ଏବଂ ୪୦ରୁ ଊର୍ଦ୍ଧ୍ୱ ଏଜେଣ୍ଟ ରହିଛନ୍ତି।

# ଭୂତସରସିଙ୍ଗିକୁ ଜଳଯୋଗାଣ ବନ୍ଦ

**ପୁରୁଷୋତ୍ତମପୁର,୩।୨(ଡି.ଏନ୍.ଏ.)**

**ଆନ୍ଦୋଳନ ଚେତାବନୀ**

ପୁରୁଷୋତ୍ତମପୁର ବ୍ଲକ ଭୂତସରସିଙ୍ଗି ଗ୍ରାମରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି। ପିଇବା ପାଣି ଟୋପାଏ ପାଇଁ ଗ୍ରାମବାସୀ ଉହଳ ବିକଳ ହେଉଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଓ ବ୍ଲକ ପ୍ରଶାସନଠାରେ ବହୁବାର ଅଭିଯୋଗ କରାଯାଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଏ ନେଇ ମଙ୍ଗଳବାର ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ଲାଗି ଚେତାବନୀ ଦେଇ ପୁରୁଷୋତ୍ତମପୁର ବିଡିଓଙ୍କ ସମେତ ତହସିଲଦାର, ଥାନା ଅଧିକାରୀ, ଗଞ୍ଜାମ ଜିଲାପାଳ, ଛତ୍ରପୁର ଉପଜିଲାପାଳ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଓ ପୂର୍ତ୍ତବିଭାଗୀୟ ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ଡାକ ଯୋଗେ ପଠାଇଛନ୍ତି। ଆସ୍କା- ହୁମ୍ମା ପୂର୍ତ୍ତବିଭାଗୀୟ ରାସ୍ତାର ପ୍ରସସ୍ତୀକରଣ କାମ ଚାଲିଥିବାରୁ ଭୂତସରସିଙ୍ଗି ଗ୍ରାମରେ ପଡ଼ିଥିବା ପାଇପ୍ ଲାଇନ୍ ଫାଟିଯାଇଛି। ତେଣୁ ଦୁଇମାସ ହେଲା ପାନୀୟ ଯୋଗାଣ ହୋଇ ନ ପାରି ସମ୍ପୂର୍ଣ୍ଣ ବନ୍ଦ ରହିଛି ଏବଂ ଗ୍ରାମରେ ନଳକୂପ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଥିବାରୁ ଏଥିରୁ ଦୂଷିତ ପାଣି ବାହାରୁଛି। ଏଥିପାଇଁ ଜନପ୍ରତିନିଧିଙ୍କୁ ଜଣାଇଥିଲେ ମଧ କେହି ଶୁଣୁ ନ ଥିବା ବେଳେ ପ୍ରଶାସନ ମଧ ଗୁରୁତ୍ୱ ଦେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରି ଆନ୍ଦୋଳନ ନିଷ୍ପତ୍ତି ନେଇଛନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ